# NATIONAL NEWS BULLETIN (ODIA)

## 5 March - 2026

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀଠାରେ ରାଇସିନା କଥାବାର୍ତ୍ତାର ୧୧ତମ ସଂସ୍କରଣକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ ।

– ବାସ୍ତବବାଦୀ ଦୃଷ୍ଟିକୋଣ ଆଧାରିତ ବୈଦେଶିକ ନୀତି ଭାରତ ଆପଣେଇଛି କହିଲେ ଫିନ୍‌ଲାଣ୍ଡ ରାଷ୍ଟ୍ରପତି ।

- ଓଡ଼ିଶାକୁ ଆସନ୍ତାକାଲି ଗସ୍ତରେ ଆସୁଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ।

– ବିଭିନ୍ନ ପ୍ରକଳ୍ପର କରିବେ ଉଦ୍‌ଘାଟନ ଓ ଶିଳାନ୍ୟାସ ।

- ୨୦୨୭ ଜନଗଣନା ପାଇଁ ଉନ୍ମୋଚିତ ହେଲା ୪ଟି ଡିଜିଟାଲ୍ ପ୍ଲାଟ୍‌ଫର୍ମ ଏବଂ ଦୁଇଟି ମାସ୍କଟ୍ ।

ଏବଂ

- ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ଦ୍ୱିତୀୟ ସେମିଫାଇନାଲ୍‌ରେ ଟସ୍ ଜିତି ଇଂଲଣ୍ଡର ବୋଲିଂ ନିଷ୍ପତ୍ତି ।

# ରାଇସିନା ଡାଇଲଗ୍

ଫିନ୍‌ଲାଣ୍ଡ ରାଷ୍ଟ୍ରପତି ଡକ୍ଟର ଆଲେକ୍‌ଜାଣ୍ଡାର୍ ଷ୍ଟବ୍ କହିଛନ୍ତି, ଭବିଷ୍ୟତ ବିଶ୍ୱର ଦୃଶ୍ୟପଟ୍ଟ ଦକ୍ଷିଣ ବିଶ୍ୱ ନିଷ୍ପତ୍ତି ନେବ ଏବଂ ଭାରତ ଏଥିରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ । ନୂଆଦିଲ୍ଲୀରେ ରାଇସିନା କଥାବାର୍ତ୍ତାର ୧୧ତମ ସଂସ୍କରଣକୁ ସମ୍ବୋଧନ କରି ରାଷ୍ଟ୍ରପତି ଷ୍ଟବ୍ କହିଛନ୍ତି, ବିଶ୍ୱ ରାଜନୀତିରେ ଏବେ ବହୁ ଆହ୍ୱାନ ସୃଷ୍ଟି ହୋଇଛି । ଏ ଦିଗରେ ଆଦର୍ଶଗତ ପଦକ୍ଷେପ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଦକ୍ଷିଣ ବିଶ୍ୱ ପାଖରେ ଅର୍ଥନୀତି ଏବଂ ଜନସଂଖ୍ୟା ଜନିତ ଶକ୍ତି ରହିଛି । ପାଶ୍ଚାତ୍ୟ ପ୍ରାଧାନ୍ୟ ବିଶ୍ୱର ଯୁଗ ଶେଷ ହୋଇଯାଇଛି ବୋଲି ରାଷ୍ଟ୍ରପତି ଷ୍ଟବ୍ କହିଛନ୍ତି ।  ଭାରତ ଏକ ବାସ୍ତବବାଦି ବିଶ୍ୱ ଦୃଷ୍ଟିକୋଣ ଆଧାରିତ ବୈଦେଶିକ ନୀତି ଆପଣାଇଛି ବୋଲି ଶ୍ରୀ ଷ୍ଟବ୍ ବର୍ଣ୍ଣନା କରିବା ସହ ବିଭିନ୍ନ ଅଂଶିଦାରଙ୍କ ସହଯୋଗ ମାଧ୍ୟମରେ ସତର୍କତାର ସହ ଆଗକୁ ବଢୁଛି ବୋଲି କହିଛନ୍ତି ।

ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଇସିନା ଆଲୋଚନାକୁ ଉଦ୍‌ଘାଟନ କରିଥିଲେ । ସଂସ୍କାର-ଦାଦି, ବାସସ୍ଥାନ ଏବଂ ଉନ୍ନତି ପ୍ରସଙ୍ଗ ଆଧାରରେ ଏହି ଆଲୋଚନା ଅନୁଷ୍ଠିତ ହୋଇଛି ।

## ପିଏମ୍-ୱେବିନାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନରେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ହେବାକୁ ଥିବା ବଜେଟ୍ ପରବର୍ତ୍ତୀ ୱେବିନାରକୁ ସମ୍ବୋଧନ କରିବେ । କୃଷି ଏବଂ ଗ୍ରାମାଞ୍ଚଳ ପରିବର୍ତ୍ତନ ପ୍ରସଙ୍ଗ ଉପରେ ଏହି ୱେବିନାର ଆୟୋଜିତ ହେଉଛି । କୃଷି, ପଶୁପାଳନ, ଦୁଗ୍ଧ ଉତ୍ପାଦନ, ମତ୍ସ୍ୟପାଳନ ଏବଂ ଗ୍ରାମୀଣ ଜୀବିକା କ୍ଷେତ୍ର ଆଧାରରେ ଏହି ୱେବିନାରରେ ୮ଟି ଭିନ୍ନ ଭିନ୍ନ ଅଧିବେଶନ ଅନୁଷ୍ଠିତ ହେବ । କାଜୁ, ନଡ଼ିଆ, ଚନ୍ଦନକାଠ, ଅଗରକାଠ, ବାଦାମ ଓ ବାଦାମ ଭଳି ଫସଲ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ହେଉଛି ଏହି ୱେବିନାରର ଅନ୍ୟତମ ଉଦ୍ଦେଶ୍ୟ ।

କୃତ୍ରିମ ବୁଦ୍ଧିମତା ଆଧାରିତ କୃଷି କ୍ଷେତ୍ରରେ ଭିତ୍ତିଭୂମି ଏବଂ ବ୍ୟାପକତାକୁ ବୃଦ୍ଧି କରିବା ଲକ୍ଷ୍ୟ ନେଇ ମଧ୍ୟ ୱେବିନାରରେ ଆଲୋଚନା ହେବାର ସମ୍ଭାବନା ରହିଛି ।

## ଶାହା-ଓଡ଼ିଶା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତାକାଲି ଓଡ଼ିଶାରେ ଇଫ୍‌କୋର ସଲ୍‌ଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ ।

ଭାରତୀୟ କୃଷକ ସାର ସମବାୟ ଲିମିଟେଡ୍ ଦ୍ୱାରା ପାରାଦ୍ୱୀପ ୟୁନିଟ୍‌ରେ ଏହି ପ୍ଲାଣ୍ଟକୁ ସ୍ଥାପନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସହକାର୍ ସେ ସମୃଦ୍ଧି' ଦୃଷ୍ଟିକୋଣକୁ ଅଧିକ ଗତିଶୀଳ କରିବା ଏହି ପ୍ଲାଣ୍ଟ ସ୍ଥାପନର ଅନ୍ୟତମ ଉଦ୍ଦେଶ୍ୟ । ଓଡ଼ିଶାକୁ କାଲି ଗସ୍ତରେ ଆସିବା ଅବସରରେ ଶ୍ରୀ ଶାହା ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ କେତେକ ସମବାୟ କ୍ଷେତ୍ର ପ୍ରକଳ୍ପର ଉଦ୍‌ଘାଟନ ଓ ଶୁଭାରମ୍ଭ କରିବେ । ରାଜ୍ୟ ସମବାୟ ନୀତିର ପ୍ରକାଶନ, ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟ ଅଧୀନରେ ଏକ ବିଦ୍ୟାଳୟ ସ୍ଥାପନ ପାଇଁ ବୁଝାମଣାପତ୍ର ସ୍ୱାକ୍ଷର ଓ ବଡ଼ମ୍ବା ତିନି ଶିଳ୍ପର ପୁନରୁଦ୍ଧାର ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି । ପ୍ରାଥମିକ୍ କୃଷି କ୍ରେଡିଟ୍ ସୋସାଇଟି ପାକ୍ସ ଏବଂ ବୃହତ୍ କ୍ଷେତ୍ର ବହୁମୁଖୀ ସମାଜ ଲାମ୍ପ୍ସ ଦ୍ୱାରା ପରିଚାଳିତ ୧ ହଜାର ୫୬୭ ସାଧାରଣ ସେବା କେନ୍ଦ୍ରକୁ ମଧ୍ୟ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାର କାର୍ଯ୍ୟସୂଚୀ ରହିଛି । ଦୁଗ୍ଧ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟ ନେଇ ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ସହିତ ଜଡ଼ିତ ବିଭିନ୍ନ ପଦକ୍ଷେପ ଉପରେ ମଧ୍ୟ ଏହି ଗସ୍ତ ଅବସରରେ ଆଲୋକପାତ କରାଯିବାର କାର୍ଯ୍ୟସୂଚୀ ରହିଛି । ୧ହଜାର ୧୫୯ କୋଟି ଟଙ୍କା ମୂଲ୍ୟର ୬୯ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ୨ ହଜାର ୧୧୬ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୧୩୦ଟି ପ୍ରକଳ୍ପର ଶ୍ରୀ ଶାହା ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହି ଗସ୍ତ ଅବସରରେ ଶ୍ରୀ ଶାହା ଆସନ୍ତାକାଲି ମୁଣ୍ଡଳୀଠାରେ ସି.ଆଇ.ଏସ୍.ଏଫ୍.ର ୫୭ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ

ଯୋଗଦେବେ ବୋଲି ସି.ଆଇ.ଏସ୍.ଏଫ୍. ମହାନିର୍ଦ୍ଦେଶକ ସୂଚନା ଦେଇଛନ୍ତି ।

## ପିଏମ୍-ଫ୍ରେଞ୍ଚ ପ୍ରେସିଡେଣ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍‌ଙ୍କ ସହ କଥାବାର୍ତ୍ତା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ପଶ୍ଚିମ ଏସିଆର ପରିସ୍ଥିତି ନେଇ ଉଭୟଙ୍କ ମଧ୍ୟରେ ମତବିନିମୟ ହୋଇଛି । ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ଏହା ସମାଧାନ ନେଇ ଉଭୟ ଦେଶ ନିଜର ସମାନ ଚିନ୍ତାଧାରା ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ପଶ୍ଚିମ ଏସିଆ କ୍ଷେତ୍ରରେ ଶାନ୍ତି ଏବଂ ସ୍ଥିରତା ପୁନଃ ସ୍ଥାପନ ନେଇ ଭାରତ-ଫ୍ରାନ୍ସ ସମନ୍ୱୟ ଭାବେ କାର୍ଯ୍ୟ ଜାରି ରଖିବେ ।

## ଫରେନ୍ ସେକ୍ରେଟେରୀ-ଇରାନ୍

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଆଜି ଦିଲ୍ଲୀ ସ୍ଥିତ ଇରାନ୍ ଦୂତାବାସରେ ଭାରତ ସରକାରଙ୍କ ପକ୍ଷରୁ ଶୋକ ପୁସ୍ତିକାରେ ସ୍ୱାକ୍ଷର

କରିଛନ୍ତି । ଇରାନ୍‌ର ସର୍ବୋଚ୍ଚ ନେତା ଆୟତୁଲା ଅଲି ଖାମେନିଙ୍କ ମୃତ୍ୟୁରେ ଶ୍ରୀ ମିଶ୍ରି ଶୋକ ପ୍ରକାଶ କରିଛନ୍ତି ।

## ଜନଗଣନା-୨୦୨୭ ଅମିତ ଶାହା

୨୦୨୭ ଜନଗଣନା ପାଇଁ ନୂଆଦିଲ୍ଲୀ ଠାରେ ଆଜି ସ୍ୱରାଷ୍ଟ୍ର ସମବାୟ ମନ୍ତ୍ରୀ ଅମିତ ଶାହା ୪ଟି ଡିଜିଟାଲ୍ ପ୍ଲାଟ୍‌ଫର୍ମ ଏବଂ ମାସ୍କଟ୍ ଉନ୍ମୋଚନ କରିଛନ୍ତି । ସେଣ୍ଟର ଡେଭ୍‌ଲପ୍‌ମେଣ୍ଟ ଆଡାଭାନ୍ସ କମ୍ପ୍ୟୁଟିଂ – ସି.ଡି.ଏ.ସି. ଦ୍ୱାରା ଦେଶ ବ୍ୟାପି ଗଣନା କାର୍ଯ୍ୟକୁ ସହଜ କରିବା ଲକ୍ଷ୍ୟ ନେଇ ଏହି ଉନ୍ନତ ଡିଜିଟାଲ୍ ପ୍ଲାଟ୍‌ଫର୍ମ ବିକଶିତ କରାଯାଇଛି ।

ମହିଳା ଗଣନାକାରୀଙ୍କ ପାଇଁ ମାସ୍କଟ୍ ପ୍ରଗତି ଏବଂ ପୁରୁଷ ଗଣନାକାରୀଙ୍କ ପାଇଁ ମାସ୍କଟ୍ ବିକାଶକୁ ଶ୍ରୀ ଶାହା ଉନ୍ମୋଚନ କରିଛନ୍ତି । ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ସଂକଳ୍ପକୁ ପୁରଣ କରିବାରେ ମହିଳା ଏବଂ ପୁରୁଷଙ୍କ ସମାନ ଅଂଶଗ୍ରହଣର ପ୍ରତୀକ ଭାବେ ଏହି ମାସ୍କଟକୁ ଉନ୍ମୋଚନ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି । ଘରକୁ ଘର ଯାଇ ସୁରକ୍ଷିତ ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ଗଣନା ତଥ୍ୟ ସମ୍ପୂର୍ଣ୍ଣ କରାଯିବ । ଏଥିପାଇଁ ଦେଶ ବ୍ୟାପି ୩୦ ଲକ୍ଷରୁ ଅଧିକ ଗଣନାକାରୀ, ପର୍ଯ୍ୟବେକ୍ଷକ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ନିୟୋଜିତ ହେବେ । ପ୍ରଯୁକ୍ତିବିଦ୍ୟା ଆଧାରିତ ନବସୃଜନ ଏବଂ

ସମାବେଶୀ ପଦକ୍ଷେପ ମାଧ୍ୟମରେ ଜନଗଣନା ସଠିକ୍, ସୁରକ୍ଷିତ ଏବଂ ବ୍ୟାପକ କରିବା ଲକ୍ଷ୍ୟ ନେଇ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଦୁଇଟି ପର୍ଯ୍ୟାୟରେ ଏହି ଗଣନା କାର୍ଯ୍ୟ ଅନୁଷ୍ଠିତ ହେବ । ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଓ ଗଣନା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଜନଗଣନା କାର୍ଯ୍ୟ କରାଯିବ । ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ମାର୍ଚ୍ଚ ପହିଲା ମଧ୍ୟରାତ୍ରିକୁ ଜନଗଣନା ପାଇଁ ସମୟସୀମା ଏବଂ ଲଦାଖ ଓ ଜାମ୍ମୁ କାଶ୍ମୀର, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡ ପାଇଁ ଚଳିତ ବର୍ଷ ଅକ୍ଟୋବର ପହିଲା ମଧ୍ୟ ରାତ୍ରିକୁ ଧାର୍ଯ୍ୟ କରାଯାଇଛି । ଗତବର୍ଷ ଜୁନ୍ ୧୬ ତାରିଖରେ ଜନଗଣନା ପାଇଁ ବିଜ୍ଞପ୍ତି ଜାରି ହୋଇଥିଲା ।

## ମାଣ୍ଡବ୍ୟ

ବିଶ୍ୱର ପ୍ରଥମ ଫ୍ରାଞ୍ଚାଇଜ୍ ଆଧାରିତ ରୋଡ୍ ସାଇକେଲିଂ ଲିଗ୍‌ର ଲୋଗୋକୁ ଆଜି ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଉନ୍ମୋଚନ କରିଛନ୍ତି । ସାଇକେଲିଂ ଲିଗ୍ ଅଫ୍ ଇଣ୍ଡିଆ ନାମରେ ନାମିତ ଏହି ଅଭିଯାନ ଦେଶର ସାଇକେଲିଂ କ୍ରୀଡ଼ା କ୍ଷେତ୍ରରେ ଏକ ପରିବର୍ତ୍ତନ ବୋଲି ଡକ୍ଟର ମାଣ୍ଡବ୍ୟ କହିଛନ୍ତି । ଏଭଳି ପଦକ୍ଷେପ ଦେଶରେ ବୃତ୍ତିଗତ ସାଇକେଲିଂ କାର୍ଯ୍ୟକ୍ରମ ଆୟୋଜନକୁ ପ୍ରୋତ୍ସାହନ ପ୍ରଦାନ କରିବା ସହିତ ଯୁବବର୍ଗଙ୍କୁ ଏହି ଖେଳ ପାଇଁ ପ୍ରେରଣା ପ୍ରଦାନ କରିବ । ଯୁବ ବ୍ୟାପାର ଓ

କ୍ରୀଡ଼ା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏହି ଲିଗ୍‌ରେ ୮ଟି ସହର କିମ୍ବା ଅଞ୍ଚଳ ଭିତ୍ତିକ ଫ୍ରାଞ୍ଚାଇଜି ରହିବ । ପ୍ରତ୍ୟେକରେ ୧୦ ଜଣ ଲେଖାଏଁ ସାଇକେଲ୍ ଚାଳକ ରହିବେ । ପ୍ରତ୍ୟେକ ଦଳରେ ୨ ଜଣ ଆନ୍ତର୍ଜାତିକ ସାଇକେଲ୍ ଆରୋହି ସାମିଲ ହେବେ । ଫଳରେ ବିଶ୍ୱସ୍ତରୀୟ ଅଭିଜ୍ଞତା ଏବଂ ପ୍ରତିଯୋଗିତା ମୂଳକ ଚିନ୍ତାଧାରା ଅନ୍ୟ ସାଇକେଲ୍ ଚାଳକ ପାଇପାରିବେ । ଦେଶର ଏ କ୍ଷେତ୍ରର ଉଦୀୟମାନ ପ୍ରତିଭାଙ୍କୁ ସୁଯୋଗ ମିଳିବା ସହ କ୍ରୀଡ଼ା କ୍ଷେତ୍ରରେ ଦୀର୍ଘକାଳୀନ ସ୍ଥାୟୀତ୍ୱକୁ ଏହା ସୁନିଶ୍ଚିତ କରିପାରିବ । ୨ ଜଣ ଜୁନିୟର୍ ସାଇକେଲ୍ ଚାଳକମଧ୍ଧ ଏଥିରେ ସାମିଲ ହେବେ ବୋଲି ମନ୍ତ୍ରଣାଳୟ କହିଛି ।

## ସିଜିଆଇ-ଭୁଟାନ୍

ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଆଜି ଥିମ୍ପୁଠାରେ ଭୁଟାନ ରାଜା ଜିଗ୍ମେ ଖେସର ନାମ୍‌ଗେଲ୍ ଓ୍ୱାଙ୍ଗ୍‌ଚୁକ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଭୁଟାନ୍‌ରେ ନାୟିକ ପ୍ରକ୍ରିୟାରେ ବୈଷୟିକ ସହାୟତା ଏବଂ ଡିଜିଟାଲାଇଜେସନ୍ ଦିଗରେ ଭାରତର ସହଯୋଗ ଉପରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଆଲୋକପାତ କରିଛନ୍ତି । ଭାରତ ଏବଂ ଭୁଟାନ୍ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ତଥା ନାୟିକ ପ୍ରକ୍ରିୟାରେ ଭାରତର ସହଯୋଗ ନେଇ ଉଭୟଙ୍କ ମଧ୍ୟରେ ମତ ବିନିମୟ ହୋଇଛି ।

ସାଇବର ଅପରାଧ ତଥା ବିଭିନ୍ନ ଅପରାଧିକ କାର୍ଯ୍ୟକଳାପକୁ ପ୍ରତିହତ କରିବା ଓ ଦଣ୍ଡ ପ୍ରଦାନ ପ୍ରକ୍ରିୟା ଉପରେ ମିଳିତ ପ୍ରୟାସରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ରାଜା ଓ୍ୱାଙ୍ଗ୍‌ଚୁକ୍‌ଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି ।

## ଜୟନ୍ତ-ସ୍କିଲ୍

ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ରାଷ୍ଟ୍ର ମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ତି, ଭାରତ ଯୁବଶକ୍ତି ଏବଂ ଗତିଶୀଳ କର୍ମ କ୍ଷେତ୍ର ସହିତ ବିଶ୍ୱ ଦକ୍ଷତା ନେତୃତ୍ୱ ନେବା ଦିଗରେ ନିରନ୍ତର ଭାବେ ଆଗକୁ ବଢୁଛି । ନୂଆଦିଲ୍ଲୀରେ ଫିନ୍‌ଲାଣ୍ଡର ନିଯୁକ୍ତି ମନ୍ତ୍ରୀ ମାଟିଆସ୍ ମାର୍ଟିନେନ୍‌ଙ୍କ ସହ ଅନୁଷ୍ଠିତ ଦ୍ୱିପାକ୍ଷିକ ବୈଠକରେ ଦକ୍ଷତା ବିକାଶ, ବୃତ୍ତିଗତ ଶିକ୍ଷା ଏବଂ କର୍ମଶକ୍ତି ଗତିଶୀଳତା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ନେଇ ଆଲୋଚନା କାଳରେ ଶ୍ରୀ ଚୌଧୁରୀ ଏହା କହିଛନ୍ତି । ସେ କହିଛନ୍ତି, ଭାରତର ଜନସଂଖ୍ୟା ଜନିତ ଦକ୍ଷତା ଏବଂ ଫିନ୍‌ଲାଣ୍ଡର ପ୍ରଯୁକ୍ତିବିଦ୍ୟା ଓ ବୃତ୍ତିଗତ ଉତ୍କର୍ଷ ଦକ୍ଷତା କ୍ଷେତ୍ରରେ ଏକ ସମୟୋପଯୋଗୀ ସହଭାଗିତା ସୃଷ୍ଟି କରୁଛି । ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସଂସ୍ଥାଗତ ସହଯୋଗକୁ ସୁଦୃଢ଼ କରିବା ଏବଂ ପ୍ରଶିକ୍ଷଣ ତଥା ଦକ୍ଷ ଯୁବପିଢ଼ି ସୃଷ୍ଟି କ୍ଷେତ୍ରରେ ବିଶ୍ୱସ୍ତରୀୟ ମାର୍ଗ ଉନ୍ମୁକ୍ତ କରିବା ପାଇଁ ଶ୍ରୀ ଚୌଧୁରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

# କାନାଡ଼ା-ପିଏମ୍-ମୋଦୀ

ବିଭିନ୍ନ କ୍ଷେତ୍ରରେ ଆହ୍ୱାନ ସତ୍ତ୍ୱେ ଭାରତୀୟ ନାଗରିକଙ୍କ ପାଖରେ କଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକର ସୁଫଳ ପହଞ୍ଚାଇବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣେ ଉଚ୍ଚ ପ୍ରଶଂସା କରିଛନ୍ତି । ସିଡ୍‌ନୀରେ ଅଷ୍ଟ୍ରେଲିଆର ପ୍ରମୁଖ ପ୍ରତିଷ୍ଠାନ ଲୋଇ ଇନ୍‌ଷ୍ଟିଚ୍ୟୁଟ୍‌ରେ ଏକ ଆଲୋଚନା କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ କାର୍ଣ୍ଣେ ଭାରତରେ ଆର୍ଥିକ ସଂସ୍କାର ମାଧ୍ୟମରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଲୋକଙ୍କୁ ଅର୍ଥନୈତିକ ଅଭିବୃଦ୍ଧିରେ ସାମିଲ କରିପାରିଛନ୍ତି ବୋଲି କହିଛନ୍ତି । ନୂଆଦିଲ୍ଲୀରେ ଉଭୟ ନେତାଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ହେବାର କିଛି ଦିନ ପରେ ଶ୍ରୀ ମୋଦୀଙ୍କ ଉପରେ ନିଜ ମତ ଉପସ୍ଥାପନ କରିବାକୁ ଯାଇ କାନାଡ଼ା ପ୍ରଧାନମନ୍ତ୍ରୀ ଶ୍ରୀ କାର୍ଣ୍ଣେ ଏହା କହିଛନ୍ତି । ଗତ ୨୫ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗୋଟିଏ ବି ଦିନ ଛୁଟି ନେଇନାହାନ୍ତି ବୋଲି ଶ୍ରୀ କାର୍ଣ୍ଣେ କହିବା ସହ ୨୦୦୧ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଏବଂ ୨୦୧୪ରେ ଭାରତର ପ୍ରଧାନମନ୍ତ୍ରୀତ୍ୱ ଦାୟିତ୍ୱ ଶ୍ରୀ ମୋଦୀ ଗ୍ରହଣ କରିବା ଉପରେ ଶ୍ରୀ କାର୍ଣ୍ଣେ ଆଲୋକପାତ କରିଛନ୍ତି । ପ୍ରତି ସପ୍ତାହରେ ଶ୍ରୀ ମୋଦୀ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ୨ ଲକ୍ଷ ୫୦ ହଜାର ଲୋକ ତାଙ୍କ ର୍ୟାଲିରେ ଯୋଗ ଦିଅନ୍ତି ବୋଲି ଶ୍ରୀ କାର୍ଣ୍ଣେ ମତବ୍ୟକ୍ତ କରିଛନ୍ତି ।

# ୱାର୍ଲ୍ଡକପ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ୍ ଭାରତ-ଇଂଲଣ୍ଡ ମଧ୍ୟରେ ଆରମ୍ଭ ହୋଇଛି । ମୁମ୍ବଇର ୱାଙ୍ଖେଡ଼େ ଷ୍ଟାଡିୟମ୍ ଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଇଂଲଣ୍ଡ ଟସ୍ ଜିତି ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୪ ଓଭରରେ ଗୋଟିଏ ୱିକେଟ୍ ବିନିମୟରେ ୪୫ରନ୍ ସଂଗ୍ରହ କରିଛି ।

ଆଜିର ମ୍ୟାଚ୍‌ର ବିଜେତା ଆସନ୍ତା ରବିବାର ଦିନ ଟାଇଟଲ ହାସଲ ପାଇଁ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।